
କେନ୍ଦୁଝର ଡେଲି ମାର୍କେଟ।


ମହାଲକ୍ଷ୍ମୀ କଲ୍‌ଚରାଲ କ୍ଲବ୍, ମାଧବପୁର।


କେନ୍ଦୁଝର ଟାଉନ, ନୂଆସାହି।

# ଧନଦାତ୍ରୀଙ୍କ ପୂଜାରେ ପୁରପଲ୍ଲୀ ଉତ୍ସବମୁଖର

କେନ୍ଦୁଝର,୧୭।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। କେତେକ ସ୍ଥାନରେ ଏହି ଅବସରରେ ମେଳା, ମୀନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କେନ୍ଦୁଝର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆନନ୍ଦ ଉଲ୍ଲାସରେ ପାଳିତ ହେଉଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ପୂଜା ମଣ୍ଡପ ଓ ମେଢ଼ ଦେଖିବାକୁ ଭକ୍ତଙ୍କ ମଧ୍ୟରେ ଗହଳି ପରିଲକ୍ଷିତ ହେଉଛି। କେନ୍ଦୁଝର ସହରର କାଶୀପୁର, ମାଧପୁର ମହାଲକ୍ଷ୍ମୀ କଲଚରାଲ କ୍ଲବ୍, ନୂଆସାହି ମହାଲକ୍ଷ୍ମୀ ସାଂସ୍କୃତିକ ପୂଜା କମିଟି, ପୁରୁଣାବଜାର, ବଣିଆପାଟ ମା' ଲକ୍ଷ୍ମୀପୂଜା କମିଟି, ମା'ଲକ୍ଷ୍ମୀ ପୂଜା କମିଟି କଲେଜରୋଡ, ବାଁପାର, ବଡ଼ହଲ ଲକ୍ଷ୍ମୀପୂଜା କମିଟି, ବଡ଼ଦାଣ୍ଡ, ଧୋବାଡ଼ିହା, ଡେଲିମାର୍କେଟ, ନେତାଜୀ ଯୁବକ ସଂଘ ପବିତ୍ରଡ଼ିହା, ଶିବନାରାୟଣପୁର ସାହି, ବୁଲାଦ୍ୱାର ସାହି, ଲକ୍ଷ୍ମୀନାରାୟଣପୁରସାହି, ଆଟୋପୁର, ରଙ୍ଗପାଟସାହି, ବୀରବରପୁର, ବୈଦ୍ୟରାଜସାହି, ରାଇସୁଆଁ, ପଦ୍ମପୁର, ଯପଳାଶପଙ୍ଗା ନିକଟସ୍ଥ ମୁରୁସୁଆଁ, ତୁରୁମୁଙ୍ଗା, ପାଟଣା, ଚମ୍ପୁଆ, ଯୋଡ଼ା ଆଦି ଅଞ୍ଚଳ ସମେତ ଜିଲାର ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ଶାସ୍ତ୍ରମତେ ଅନୁଷ୍ଠିତ ହେଉଥିବାବେଳେ ସ୍ୱତନ୍ତ୍ର ଆକର୍ଷଣୀୟ ଲାଇଟ୍ ଗେଟ୍ ଓ ତୋରଣ ଲୋକଙ୍କୁ ଆକର୍ଷିତ କରୁଛି।

**ରାମଚନ୍ଦ୍ରପୁର,(ଗଣେଶ୍ୱର ସା):** କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ଜଳସୁଆଁ ଗ୍ରାମରେ

## ବିଭିନ୍ନ ସ୍ଥାନରେ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ


ଲକ୍ଷ୍ମୀ ନାରାୟଣ ପୂଜା କମିଟି, ଜଳସୁଆଁ।

ଲକ୍ଷ୍ମୀ ନାରାୟଣ ପୂଜା କମିଟି ପକ୍ଷରୁ ୩୪ତମ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ବୁଧବାର କୁସେଇ ନଦୀରୁ ପୂଜକ ଶରତ ଚନ୍ଦ୍ର ଦାଶ, ନନ୍ଦ କିଶୋର ଦାଶଙ୍କ ଦ୍ୱାରା ପୂଜା କାର୍ଯ୍ୟ ହୋଇ କଳସ ବୁଡ଼ାଇ ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ଧନଞ୍ଜୟ ଅଧିକାରୀ ଧର୍ମ ପତ୍ନୀ ଜଜ୍ଜନା ଅଧିକାରୀ ତୁଲାଇଥିବା ବେଳେ ପ୍ରଫୁଲ୍ଲ ଚନ୍ଦ୍ର ମାଝୀ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଗୁରୁବାର ମା'ଙ୍କ ଦ୍ୱିତୀୟ ଦିବସ ଅବସରରେ ସକାଳୁ ସୂର୍ଯ୍ୟ ପୂଜା, ମଙ୍ଗଳା ଆଳତି, ଷୋଡ଼ଶ ଉପଚାର ପୂଜା ରୀତିନୀତି ଅନୁସାରେ ହୋଇଛି। ଏ ନେଇ ମା'ଙ୍କ ପୂଜା ମଣ୍ଡପରେ ମା'ଙ୍କ ମନଲୋଭା ମୂର୍ତ୍ତି ସହିତ ସାଜସଜ୍ଜା ଓ ରଙ୍ଗୀନ ତୋରଣ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଛି। ଲକ୍ଷ୍ମୀ ନାରାୟଣ ପୂଜା କମିଟିର ସଦସ୍ୟ ରିଣ୍ଟୁ ମାଝୀ, ଦୀପକ ମାଝୀ, ବାବି ମାଝୀ, ରିଙ୍କୁ ମାଝୀ, ବବୁଲୁ ଦେଓ, ଗଣେଶ ସାହୁ, ଲୁଲୁ ମାଝୀ, ଅଭୟ ମାଝୀ, କାହ୍ନା ଜେନା, ବାଦଲ ମହାପାତ୍ର, ଚୁଳିଆ ସାହୁ, ଗୁଲୁ ନାଏକ, ନୀତେଶ ମାଝୀ, ଚାନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶହୀଦଙ୍କ ପ୍ରତିମୂର୍ତ୍ତିରୁ ହାତ ଭାଙ୍ଗିଦେଲେ

ପାଟଣା,୧୭।୧୦ (ବୀରକିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ଥାନା ଧାନବେଣୀ ବୈତରଣୀ ନଦୀ କୂଳରେ ଥିବା ସ୍ୱାଧୀନତା ସଂଗ୍ରାମୀ ତଥା ଚୁଆଡ଼ ବିଦ୍ରୋହର ମହାନାୟକ ଶହୀଦ ରଘୁନାଥ ମହାତୋଙ୍କ ପ୍ରତିମୂର୍ତ୍ତିର ହାତକୁ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ପ୍ରତିମୂର୍ତ୍ତିର ବାମ ହାତକୁ ଭାଙ୍ଗି ନେଇଯିବା ସହ ବାମ ହାତର ଟାଙ୍ଗିଆ ଓ ଡାହାଣ ହାତର ଧନୁ ତୀରକୁ ମଧ୍ୟ ନେଇଯାଇଛନ୍ତି। ଘଟଣାକୁ ମହାନ୍ତ ସମ୍ପ୍ରଦାୟ ପକ୍ଷରୁ ନିନ୍ଦା କରାଯାଇଥିବା ବେଳେ ସମ୍ପ୍ରଦାୟର ଛାମୁଆ ସଂଗଠନର କର୍ମକର୍ତ୍ତା ଗୁରୁବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। କୁଡୁମୀ ସେନା ରାଜ୍ୟ ଉପ ସଭାପତି ମିତ୍ର ଭାନୁ ମହାନ୍ତ କହିଛନ୍ତି, ଏହା ଶହୀଦଙ୍କ ପ୍ରତି ଘୋର ଅସମ୍ମାନ। ଦୋଷୀଙ୍କୁ ଖୁବଶୀଘ୍ର ଗିରଫ କରାଯାଉ। ନ ଚେତ କୁଡୁମୀ ସମାଜ ଆନ୍ଦୋଳନକୁ ଓହ୍ଲାଇବ। ଗୁରୁବାର ଆଦିବାସୀ କୁଡୁମୀ ସମାଜ ଓ ଧାନବେଣୀ ରଘୁନାଥ ସ୍ମୃତି କମିଟିର ପ୍ରତାପ ଚନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ମହାନ୍ତ, ଶରତ ମହାନ୍ତ, ଖଗେଶ୍ୱର ମହାନ୍ତ, ସୁଶାନ୍ତ ମହାନ୍ତ, ସୁମିତ ମହାନ୍ତ, ନବିନ କିଶୋର ମାହାନ୍ତ ପ୍ରମୁଖ ଘଟଣାକୁ ନିନ୍ଦା କରିବା ସହ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗର କଞ୍ଚ୍ୟୁମର ଆଫାୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ମାହାତୋ ଭୁବନେଶ୍ୱରରୁ ଫେରିବା ବାଟରେ ଖବର ପାଇ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଏସ୍‌ପି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଅକର୍ଷଣ କରିବେ ବୋଲି କହିଛନ୍ତି। ପାଟଣା ଥାନା ଅଧିକାରୀ ଉଦୟ ବୀର କୁଲ କହିଛନ୍ତି, ଅଭିଯୋଗ ଅନୁଯାୟୀ ଘଟଣାର ତଦନ୍ତ ଚାଲିଛି।

# ଟାଟା ଷ୍ଟିଲର ଗଣଦୌଡ଼ ପ୍ରସ୍ତୁତି



ଟାଟା ଷ୍ଟିଲର ଅଧିକାରୀମାନେ ଟି-ଶାର୍ଟ ଉନ୍ମୋଚନ କରୁଛନ୍ତି।

ଯୋଡ଼ା,୧୭।୧୦ (ମାନସ ମହାନ୍ତି)

ଟାଟା ଷ୍ଟିଲ ନୂଆମୁଣ୍ଡି ଖଣିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ରନ-ଏ-ଥନର ପଞ୍ଚମ ସଂସ୍କରଣ ଆସନ୍ତା ନଭେମ୍ବର ୧୭ରେ ନୂଆଁମୁଣ୍ଡିଠାରେ ଅନୁଷ୍ଠିତ ହେବ। ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦର୍ଶାଇ ଟାଟା ଷ୍ଟିଲ ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ଗୋଟିଏ ଲେଖାଏ ଚାରାରୋପଣ କରିବ। ଏଥି ନିମନ୍ତେ ଗୁରୁବାର ଯୋଡା ଟାଟା ଷ୍ଟିଲ ଭ୍ୟାଲି କ୍ଲବ୍‌ରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଟାଟା ଷ୍ଟିଲର ମହାପ୍ରବନ୍ଧକ (ଓଏମକ୍ୟୁ) ଅତୁଲ ଭଟ୍ଟନାଗର, ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର, କର୍ପୋରେଟ କମ୍ୟୁନିକେସନ ମୁଖ୍ୟ ରାଜେଶ ରାଜନ, ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୌହ ଖଣିର ମୁଖ୍ୟ ଜିଭି ସତ୍ୟନାରାୟଣ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ ଦୀପକ ବେହେରା, ନୀଳାଚଳ ଖଣି ମୁଖ୍ୟ ରାହୁଲ କିଶୋର, ଆରଏମ୍‌ପି ମୁଖ୍ୟ ସୁଜିତ୍ କୁମାର ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରତିଯୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଟି-ଶାର୍ଟ ଉନ୍ମୋଚନ କରାଯାଇଥିଲା। ନୂଆମୁଣ୍ଡି ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଯାଉଥିବା ଦୌଡ଼ ପୁରୁଷ ଓ ମହିଳା (୧୫ ବର୍ଷ କିମ୍ବା ତା'ଠାରୁ ଅଧିକ)ଙ୍କ ପାଇଁ ୧୦ କି.ମି. ଏବଂ ୭ କି.ମି. ଦୌଡ, ୧୬ ବର୍ଷରୁ କମ ବୟସର ବାଳିକା ଓ ବାଳକଙ୍କ ପାଇଁ ୨ କି.ମି ଏବଂ ୫ କି.ମି. ଦୌଡ଼ ସାମିଲ ରହିଛି। ମୋଟ ପୁରସ୍କାର ରାଶି ୫ ଲକ୍ଷ ୬୭ ହଜାର ଟଙ୍କା ରହିଛି। ନୂଆମୁଣ୍ଡି ରନ୍-ଏ-ଥନ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଅକ୍ଟୋବର ୧୮ରୁ ଆରମ୍ଭ ହୋଇ ନଭେମ୍ବର ୭ରେ ବନ୍ଦ ହେବ। ଅକ୍ଟୋବର ୨୧ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆରେ ଶନିବାର ଓ ରବିବାର ବ୍ୟତୀତ ସକାଳ ୧୦ ଟାରୁ ଅପରାହ୍ନ ୫ ଟା ମଧ୍ୟରେ ଅଫ୍‌ଲାଇନ ପଞ୍ଜୀକରଣ କରାଯାଇପାରିବ।

# ରାଧାକୃଷ୍ଣଙ୍କ ପୂଜା ପାଇଁ ମାଟି ଅନୁକୂଳ

ଛେନାପଦି/ବଉଳା (ନିରାକାର ପରିଡା/ଦୁର୍ଗାପ୍ରସାଦ ଆଇଚ),୧୭।୧୦

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ବଡ଼ରମ୍ଭାସ ଗ୍ରାମର ଦକ୍ଷିଣସାହି ମହାବୀର ଯୁବକ ସଂଘ ପକ୍ଷରୁ ରାଧାକୃଷ୍ଣ ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ପୂଜାର୍ଚ୍ଚନା କରିବା ସହ ଭଜନ କୀର୍ତ୍ତନ ମଧ୍ୟରେ ରାଧାକୃଷ୍ଣ ମୂର୍ତ୍ତି ନିର୍ମାଣ ପାଇଁ ମାଟି ପୂଜା ହୋଇଥିଲା। ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା, ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ଜଗମୋହନ ସାହୁ କର୍ତ୍ତାଭାବେ ସଂକଳ୍ପରେ ବସିଥିଲେ। କମିଟି ସଦସ୍ୟ ଶ୍ରୀଧର ସାହୁ, ଜନ୍ମେଜୟ ବେହେରା, ସୌମ୍ୟରଞ୍ଜନ ସାହୁ, ଆଲୋକ ମଣ୍ଡଳ, ଚୈତନ୍ୟ ଜେନା, ଶ୍ରୀକାନ୍ତ ସାହୁ, ସତ୍ୟଜିତ୍ ବେହେରା, ନଗେନ୍ଦ୍ର ପାତ୍ର, ରାଜୀବଲୋଚନ ସାହୁ, ଅନୀଲି ସା, ରଙ୍ଗାଧର ଦାସ, ମନୋରଞ୍ଜନ ଓଝା, ନିରଞ୍ଜନ ସାହୁ, ଓମ ପ୍ରକାଶ ନାୟକ ସୁବାଷ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଶହେ ଉଦ୍ଭାବକ ଛାତ୍ରଙ୍କ ମଧ୍ୟରେ ଯୋଡ଼ାର ଅନ୍ତରୀକ୍ଷ

କେନ୍ଦୁଝର,୧୭।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)



ସହପାଠୀଙ୍କ ସହ ଅନ୍ତରୀକ୍ଷ ଦାସ।

ନୂଆଦିଲ୍ଲୀଠାରେ ଆୟୋଜିତ ଚତୁର୍ଥ ଯୁଥ ଆଇଡିଆଥନ-୨୦୨୪ କାର୍ଯ୍ୟକ୍ରମରେ ଶହେ ଯୁବ ଉଦ୍ଭାବକଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ କେନ୍ଦୁଝର ଜିଲା ଯୋଡ଼ା ବିଲେଇପଦା ଅଞ୍ଚଳର ଅନ୍ତରୀକ୍ଷ ଦାସ ସ୍ଥାନ ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ବେଳେ ଉକ୍ତ ସ୍କୁଲର ସ୍ୱୟଂ ମହାନ୍ତି ଏବଂ ଅନନ୍ୟ ଭବନ ମଧ୍ୟ ଶହେ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି।

ଆଇଆଇଟି ଦିଲ୍ଲୀରେ ଅକ୍ଟୋବର ୯ ଓ ୧୦ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ ୫ ହଜାରରୁ ଉର୍ଦ୍ଧ୍ୱ ସ୍କୁଲରୁ ପ୍ରାୟ ୧ ଲକ୍ଷ ୮୦ ହଜାରରୁ ଅଧିକ ଯୁବ ଉଦ୍ଭାବକ ଯୋଗଦେଇଥିଲେ। ୩ ଛାତ୍ରୀଛାତ୍ର ଜଳକୁ ରସାୟନ ମୁକ୍ତ ଜଳରେ ପରିଣତ କରିବା ପାଇଁ ଏକ ଛୋଟ ଯନ୍ତ୍ର ଉଦ୍ଭାବନ କରିଥିବା ବେଳେ ଯନ୍ତ୍ରଟିକୁ ସୋସିଆଲ କ୍ୟାମ୍ପେନ ପୁରସ୍କାର ମିଳିଥିଲା। ପ୍ରତିଯୋଗିତାର ମୂଲ୍ୟାଙ୍କନ କରିବା ପାଇଁ ଆଇଆଇଟିର ପ୍ରଫେସର, ବିଭିନ୍ନ ବ୍ୟବସାୟିକ ସଂସ୍ଥା ଏବଂ ବିଶେଷଜ୍ଞ ଉପସ୍ଥିତ ଥିଲେ। ଆଇଆଇଟି ଦିଲ୍ଲୀର ରେକ୍ଟର ହଲରେ ଛାତ୍ରୀଛାତ୍ରଙ୍କୁ ପଦକ ଏବଂ ମାନପତ୍ର ପ୍ରଦାନ କରାଯାଇଛି। ଅନ୍ତରୀକ୍ଷଙ୍କ ପିତା ରାଜେଶ ଦାସ ବିଲେଇପଦାସ୍ଥିତ ଟାଟା ସ୍ପଞ୍ଜ ଆଇରନ କାରଖାନାରେ ଜନ ସମ୍ପର୍କ ବିଭାଗରେ କାର୍ଯ୍ୟରତ ଏବଂ ମାତା ମାଧବୀ ଦାସ ଜଣେ ଗୃହିଣୀ ଅଟନ୍ତି।

# କେନ୍ଦୁଝରରେ ବର୍ଷର ପ୍ରଥମ କୁହୁଡ଼ି



କେନ୍ଦୁଝର,୧୭।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ଚଳିତ ବର୍ଷର ପ୍ରଥମ କୁହୁଡି ଦେଖିବାକୁ ମିଳିଛି। କୁହୁଡ଼ି ପ୍ରାୟ ସକାଳ ୭ଟା ୩୦ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଫଳରେ ରାସ୍ତା ଭଲ ଭାବରେ ଦେଖାଯାଉ ନ ଥିଲା। ଗାଡ଼ି ଚାଳକ ସବୁ ଲାଇଟ୍ ଜଳାଇ ସାବଧାନତାର ସହ ଯାତାୟାତ କରୁଥିଲେ। କୁହୁଡି ପରିବେଶକୁ ଅନେକେ ଉପଭୋଗ କରିଥିଲେ। ବିଶେଷ କରି ରାଜପଥ, ଘାଟି ରାସ୍ତା ତଥା ଛକ ରାସ୍ତାରେ ଗାଡ଼ି ଚଳାଚଳରେ ସମସ୍ୟା ଦେଖାଦେଇଥିଲା। ପାହାଡ଼ ଓ ଜଙ୍ଗଲ ଘେରା ଅଞ୍ଚଳରେ ଶୀତ ଧୀରେ ଧୀରେ ମାଡ଼ି ଆସୁଛି। ଶୀତର ମଜା ଉଠାଇବାକୁ ପ୍ରକୃତୀପ୍ରେମୀ ତଥା ସାଧାରଣ ଲୋକେ ଅପେକ୍ଷା କରିଥିବା ବେଳେ ଏଭଳି କୁହୁଡି ସମସ୍ତଙ୍କ ମନରେ ଖୁସି ଆଣିଦେଇଛି।

# ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଡିଟ୍

କେନ୍ଦୁଝର,୧୭।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରେ ଅନିୟମିତତା ଅଭିଯୋଗର ସ୍ୱତନ୍ତ୍ର ଅଡିଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ଅଡିଟ୍ ଅଫିସର ମୋହନ ରାଉଡିଆ, ସହ ଅଡିଟ୍ ଅଫିସର ଆଶୁତୋଷ କାମ୍ପା ଏବଂ ଅଡିଟର ସନତ ସାହୁ ଅଡିଟ୍ କରୁଛନ୍ତି। କେନ୍ଦୁଝର ଡିଭିଜନରେ ଦୁର୍ନୀତି ଏବଂ ଅନିୟମିତତା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଉମାକାନ୍ତ ତ୍ରିପାଠୀ ଏବଂ ଆର୍‌ସିସିଏଫ୍ ରାଉରକେଲା ସେପ୍ଟେମ୍ବର ୧୭ରେ ଅଭିଯୋଗର ତଦନ୍ତ ପାଇଁ କେନ୍ଦୁଝର ଗସ୍ତରେ ଆସିଥିଲେ। ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟକୁ ଆଧାର କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ବନଖଣ୍ଡରେ ସ୍ୱତନ୍ତ୍ର ଅଡିଟ ନିର୍ଦ୍ଦେଶ ଦେଇଥିଲେ। ପରେ ଜଙ୍ଗଲ ଓ ପରିବେଶ ବିଭାଗର ଉପ ସଚିବ ତାଙ୍କର ଚିଠି (ସଂଖ୍ୟା ୧୯୬୦୨/ ୯ ଅକ୍ଟୋବର ୨୦୨୪)ରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳଙ୍କୁ ସ୍ୱତନ୍ତ୍ର ଅଡିଟ ପାଇଁ ଚିଠି କରିଥିଲେ। ନିର୍ଦ୍ଦେଶନାମା ଅନୁସାରେ ଅଡିଟ ଚାଲିଛି। ଅଡିଟ ପରେ ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିବ। ଏହା ଏକ ରୋଟିନ୍ ଅଡିଟ୍ ବୋଲି ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି।

# ମହିଳାଙ୍କ ପାଇଁ ପ୍ରେରଣା ମାହେଶ୍ୱରୀ

## ସବାଇ ଘାଷ ତାଲିମ ନେଇ ହୋଇଛନ୍ତି ସ୍ୱାବଲମ୍ବୀ

ବାଲେଶ୍ୱର,୧୭।୧୦ (ବାଞ୍ଛାନିଧି ଦେ)


ସବାଇ ଘାସରେ ପ୍ରସ୍ତୁତ ଡାଲା, ପାଛିଆ ସହ ମାହେଶ୍ୱରୀ

ଇଚ୍ଛା ଥିଲେ ଉପାୟ ବଳେ ବଳେ ଆସେ। ସ୍ୱାବଲମ୍ବୀ ହେବାର ସ୍ୱପ୍ନ ପୂରଣ ହୁଏ। ନିଜର ଆଗ୍ରହ ଓ ଅନ୍ୟର ପ୍ରେରଣା ସଫଳତା ଆଣିଦିଏ। ଏହାର ବାସ୍ତବ ପ୍ରତିଫଳନ ଘଟିଛି ଜଣେ ମହିଳାଙ୍କ କ୍ଷେତ୍ରରେ। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜୁଗଡ଼ିହ ଗ୍ରାମର ମାହେଶ୍ୱରୀ ପାତ୍ର ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ରୋଜଗାର କରିବାର ମାଧ୍ୟମ ଖୋଜୁଥିଲେ। ଗାଁରେ ସେମିତି ସୁଯୋଗ ନ ଥିଲା। ସ୍ଥାନୀୟ କଲ୍ୟାଣୀ ସ୍ୱୟଂ ସହାୟିକା ଗୋଷ୍ଠୀରେ ଯୋଗଦେବା ପରେ ସବୁକିଛି ବଦଳିଯାଇଥିଲା। ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ (ଏସ୍‌ପିପିଏଲ୍) ଓ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍ (ଟିଏସ୍‌ଏଫ୍) ପକ୍ଷରୁ ପ୍ରଦାନ କରାଯାଇଥିବା ଦୁଇମାସିଆ ତାଲିମ ପରେ ମାହେଶ୍ୱରୀ ସବାଇ ଘାସରେ ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତି ଆରମ୍ଭ କରିଥିଲେ।

ସବାଇ ଘାସକୁ ଉପଯୋଗ କରି ବାସ୍କେଟ, ଫୁଲଦାନି ଓ ମ୍ୟାଟ ଭଳି ସୁନ୍ଦର ଓ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିବାରେ ସେ ସିଦ୍ଧହସ୍ତ। ସେ ସବାଇ ଘାସ ଅମଳ, ପ୍ରକ୍ରିୟାକରଣ ଏବଂ ସବାଇ ଘାସ ଉତ୍ପାଦର ମାର୍କେଟିଂ ଉପରେ ବ୍ୟାପକ ତାଲିମ ହାସଲ କରିଛନ୍ତି। ଯାହା ତାଙ୍କୁ ଆବଶ୍ୟକ ଦକ୍ଷତା ପ୍ରଦାନ କରିବାରେ ସହାୟକ ହୋଇଛି। ଉତ୍ପାଦିତ ସାମଗ୍ରୀକୁ ବଜାରରେ ବିକ୍ରି କରି ସେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଆୟ ମାଧ୍ୟମରେ ଦୁଇ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସହ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଛନ୍ତି। ସେ ପ୍ରସ୍ତୁତ କରୁଥିବା ପ୍ରତିଟି ଉତ୍ପାଦରେ ଆଶା, ସୁଯୋଗ ଓ ନିଜ ପରିବାରର ଉଜ୍ଜ୍ୱଳ ଭବିଷ୍ୟତକୁ ସେ ବୁଣୁଛନ୍ତି। ପ୍ରଦର୍ଶନୀ ଓ ମେଳା ଜରିଆରେ ଏସ୍‌ଏଚ୍‌ଜି ଏହାର ବଜାର ଉପସ୍ଥିତି ବଢାଉଥିବା ବେଳେ ମାହେଶ୍ୱରୀ ନିଜ ଉତ୍ପାଦ ଲାଗି ସ୍ଥାୟୀ ଗ୍ରାହକ ସଂଯୋଗ ସ୍ଥାପନ କରିବା ଓ ନୂତନ ଦିଗନ୍ତ ଅନୁସନ୍ଧାନ କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ପାଟଣା ଥାନାରେ ୨ ଅପମୃତ୍ୟୁ ମାମଲା

ପାଟଣା,୧୭।୧୦ (ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନାରେ ପୃଥକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦାମାହୁଦା ପଞ୍ଚାୟତ ବେଲସରେଇ ଗାଁରେ ଜଣେ ବୃଦ୍ଧା ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ଗ୍ରାମର ଶତ୍ରୁଘ୍ନ ମହାନ୍ତଙ୍କ ସ୍ତ୍ରୀ ସୁଶୀଳା(୭୮)। ସେହିଭଳି ଦୁଧନାଳୀ ଗ୍ରାମରେ ଘର ପଛ ପଟ ପଣସ ଗଛରେ ଗାମୁଛାରେ ଫାଶୀ ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛି। ମୃତକ ସ୍ୱର୍ଗତ ମଙ୍ଗୁ ମୁଣ୍ଡାଙ୍କ ପୁଅ ଜଗବନ୍ଧୁ(୨୨)। ଉଭୟ ଘଟଣାରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀଶଙ୍କର ବାଦୀ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ପାଟଣା ଥାନାରେ ପୃଥକ ମାମଲା(ନଂ. ୬୭/୨୪ ଓ ୬୮/୨୪) ରୁଜୁ ହୋଇଛି।

# ବିକଶିତ ହେଉଛି କେନ୍ଦୁଝର କ୍ରୀଡ଼ା ଭିତ୍ତିଭୂମି

କେନ୍ଦୁଝର,୧୭।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

- ତୃଣମୂଳସ୍ତରରୁ ପ୍ରସ୍ତୁତ ହେଉଛନ୍ତି ଯୁବପିଢ଼ି
- ଓମ୍ୱାଡସି ସହାୟତାରେ ୪ ସହରରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ସ୍ଥାପନ


ଇନ୍‌ଡୋର ଷ୍ଟାଡିୟମରେ କ୍ରୀଡ଼ାବିତ୍‌ମାନେ ଅଭ୍ୟାସ କରୁଛନ୍ତି।

ଆଦିବାସୀ ବହୁଳ ତଥା ଖଣି ପ୍ରଭାବିତ କେନ୍ଦୁଝର ଜିଲାର ବିଭିନ୍ନ ଗାଁ ଓ ସହରରେ ଅନେକ ଯୁବ କ୍ରୀଡ଼ା ପ୍ରତିଭା ରହିଛନ୍ତି। ଯୁବପିଢ଼ିଙ୍କ ପ୍ରତିଭାକୁ ବିକଶିତ କରିବାକୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲାର ଯୋଡ଼ା, ଆନନ୍ଦପୁର, ବଡ଼ବିଲ ଓ ଚମ୍ପୁଆରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ କରାଯାଇଛି। ଏଥିପାଇଁ ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୱାଡସି) ଆର୍ଥିକ ସହାୟତା ଯୋଗାଇଦେଇଛି। ଏହାଦ୍ୱାରା ଜିଲାରେ କ୍ରୀଡ଼ାର ଭିତ୍ତିଭୂମି ସୁଦୃଢ଼ ହେଉଛି।

ବିଶେଷକରି ଇନ୍‌ଡୋର ଗେମ ଜରିଆରେ ନିଜର କ୍ରୀଡ଼ା ଭବିଷ୍ୟତ ଗଢ଼ିବା ଲାଗି ଯୁବପିଢ଼ିଙ୍କ ପାଇଁ ଅନେକ ସୁଯୋଗ ରହିଛି। ଏଥିପାଇଁ ବହୁମୁଖୀ ଇନ୍‌ଡୋର ଷ୍ଟାଡ଼ିୟମ ପରିସରରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ ଓ ଭାରୋତ୍ତୋଳନ କୋର୍ଟ ସ୍ଥାପନ କରାଯାଇଛି। ଇନଡୋର ଷ୍ଟାଡିୟମ ସପ୍ତାହରେ ୬ ଦିନ ସକାଳେ ଓ ସନ୍ଧ୍ୟା ସମୟରେ ଖୋଲାରହୁଛି। କେବଳ କ୍ରୀଡ଼ା ନୁହେଁ, ଏହି ବହୁମୁଖୀ ଇନଡୋର ଷ୍ଟାଡ଼ିୟମକୁ ଆବଶ୍ୟକ ସ୍ଥଳେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଆଶ୍ରୟସ୍ଥଳୀ ଭାବେ ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ମତପ୍ରକାଶ ପାଇଛି। ଜାତୀୟସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି ଅନୁଲ ହାସନ କହିଛନ୍ତି, ସେ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିବା ସମୟରେ ଯୋଡ଼ାରେ କୌଣସି ଷ୍ଟାଡିୟମ ନ ଥିଲା। ଓମ୍ୱାଡସି ସହାୟତାରେ ନିର୍ମିତ ଇନ୍‌ଡୋର ଷ୍ଟାଡିୟମରେ ସେ ଅଭ୍ୟାସ କରିବା ସହ ଅନ୍ୟ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛି। ଅନୁଲ ଜାତୀୟସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି। ସେ ପୂର୍ବାଞ୍ଚଳ ଜୋନସ୍ତରୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ। ଏବେ ସେ ଯୋଡ଼ାରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ ପ୍ରଶିକ୍ଷକ ଭାବେ କାମ କରୁଛନ୍ତି। ଚମ୍ପୁଆ ବାସିନ୍ଦା ସୁନିତା ମହାନ୍ତ କହିଛନ୍ତି, ନିଜକୁ ଫିଟ୍ ରଖିବା ପାଇଁ ଜିମ୍ ଯିବାକୁ ଚାହୁଁଥିଲେ। ଏଥି ପାଇଁ ଅଞ୍ଚଳରେ ବିଶେଷ ସୁବିଧା ନ ଥିଲା। ଇନ୍‌ଡୋର ଷ୍ଟାଡ଼ିୟମ ପରିସରରେ ସୁବିଧାରେ ବ୍ୟାୟାମ କରିପାରୁଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼ କହିଛନ୍ତି, ଏଠାରେ ବିଭିନ୍ନ ପ୍ରକାର କ୍ରୀଡ଼ା ପାଇଁ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ କେନ୍ଦୁଝର ଯୁବତୀଯୁବକମାନେ ବିଭିନ୍ନ କ୍ରୀଡ଼ା ଅଭ୍ୟାସ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିପାରିବେ।

## ସଂକ୍ଷେପରେ

### ଯାତ୍ରା ଦେଖିବାକୁ ଯାଇଥିଲେ, ଘରେ କଳାକନା ବୁଲାଇଲେ ଚୋର

ବାସୁଦେବପୁର,୧୭।୧୦ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତର ଜୟପୁର ଓ ବାଣପୁର ଗ୍ରାମର ୨ଟି ଘରୁ ବୁଧବାର ରାତିରେ ଚୋରି ହୋଇଛି। ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଚୋର ସେମାନଙ୍କ ଘରେ କଳାକନା ବୁଲାଇଛନ୍ତି। ସୂଚନା ଅନୁଯାୟୀ, ପଞ୍ଚାୟତର ବାସନ୍ତୀ ପୂଜା ପଡ଼ିଆରେ ଯାତ୍ରା ଚାଲିଥିବା ବେଳେ ଦେଖିବା ପାଇଁ ମିନତି ପାଣି ଓ ତପନ କୁମାର ଧରଙ୍କ ପରିବାର ଲୋକେ ଘରେ ତାଲା ପକାଇ ଯାଇଥିଲେ। ଏହାର ସୁଯୋଗ ନେଇ ଚୋରମାନେ ୨ ଘରୁ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ଜୟପୁର ଗ୍ରାମର ମିନତିଙ୍କ ଘରୁ ଗୋଟିଏ ସୁନାଚେନ୍, ୨ଟି ସୁନା ମୁଦି, ହଳେ କାନଫୁଲ, ନଗଦ ୧୦ ହଜାର ଟଙ୍କା ଚୋରି ହୋଇଛି। ବାଣପୁର ଗ୍ରାମର ତପନଙ୍କ ଘରୁ ୨ଟି ସୁନାଚେନ୍, ଗୋଟିଏ ମଙ୍ଗଳସୂତ୍ର, ୩ଟି ସୁନା ଲକେଟ୍, ୨ ହଳ କାନଫୁଲ, ୨ ହଳ ରୁପା ପାଉଁଜି, ରୁପାହାର ସହ ନଗଦ ୨୫ ହଜାର ଟଙ୍କା ଚୋରି ହୋଇଛି। ଗୁରୁବାର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଘରେ ତାଲା ପକାଇ ଯାତ୍ରା ଦେଖିବାକୁ ଯିବା ବେଳେ ଅଧିକ ସତର୍କତା ଅବଲମ୍ବନ କରିବାକୁ ବାସୁଦେବପୁର ପୋଲିସ ପକ୍ଷରୁ ସତର୍କ କରାଯାଇଛି।

# ଏଥର ୯ ଦିନ କାଳୀପୂଜା

- ସବୁ ମଣ୍ଡପର ହେବ ଉନ୍ନତୀକରଣ, ଲାଗିବ ସିସିଟିଭି
- ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ
- ଯାତ୍ରାରେ ଅଶ୍ଳୀଳତା ପ୍ରଦର୍ଶନ ବନ୍ଦ

ଭଦ୍ରକ,୧୭।୧୦(ସନାତନ ରାଉତ)


ପ୍ରସ୍ତୁତି ବୈଠକରେ ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡକର୍ ସନ୍ଦୀପ ସମ୍ପଦଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

ଓଡ଼ିଶା ପ୍ରସିଦ୍ଧ ଭଦ୍ରକର ସାର୍ବଜନୀନ କାଳୀପୂଜା ଏଥର ୯ଦିନ ହେବ। ଆସନ୍ତା ୩୧ ତାରିଖ ରାତିରୁ ପୂଜା ଆରମ୍ଭ ହୋଇ ନଭେମ୍ବର ୮ ଯାଏ ଚାଲିବ ବୋଲି ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ପ୍ରଶାସନିକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମଡକର୍ ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ ଓ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗ ଦେଇଥିଲେ। ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଓ ଶାନ୍ତି କମିଟି ସଦସ୍ୟ ଉପସ୍ଥିତ ଥିଲେ। ଚଳିତବର୍ଷ ୧୦୧ ବର୍ଷରେ ପୂଜା ପଦାର୍ପଣ କରୁଥିବାରୁ ଏହି ଗଣପର୍ବକୁ ୭ ଦିନ ବଦଳରେ ୯ ଦିନ ପାଇଁ ଅନୁମତି ଦେବାକୁ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଅନୁରୋଧ କରିଥିଲେ। ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ନିଷ୍ପତ୍ତି ହୋଇଥିଲା। ପୂଜା କମିଟି କର୍ମକର୍ତ୍ତାଙ୍କ ଅନୁରୋଧକ୍ରମେ ଘଟ ଉତ୍ତୋଳନ ପାଇଁ ନଦୀଘାଟ ସଫା କରାଯିବାକୁ ସ୍ଥିର ହୋଇଛି। ପୌରପାଳିକା ପକ୍ଷରୁ ସମସ୍ତ ପୂଜା ମଣ୍ଡପର ଉନ୍ନତୀକରଣ କରାଯିବ ବୋଲି ସୂଚନା ଦିଆଯାଇଛି।

କାଳୀପୂଜା ସମୟରେ ବିଭିନ୍ନ ଅପେରା ଯାତ୍ରା ପରିବେଷଣ କରିବାକୁ ଥିବାବେଳେ ଯାତ୍ରାରେ ଅଶ୍ଳୀଳତା ପ୍ରଦର୍ଶନ ଉପରେ ପ୍ରଶାସନ ରୋକ୍ ଲଗାଇଛି। କୌଣସି ଯାତ୍ରା ପେଣ୍ଡାଲରେ ଅଶ୍ଳୀଳତା ପ୍ରଦର୍ଶନ ହେଉଥିବାର ସୂଚନା ମିଳିଲେ ତାଙ୍କର ଅନୁମତି ବାତିଲ କରାଯାଇ ପରଦିନ ଯାତ୍ରା ବନ୍ଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ବିଗତ ବର୍ଷରେ ମେଳା ବୁଲିବାକୁ ଆସୁଥିବା ଲୋକଙ୍କ ଦୁଇଚକିଆ ଓ ଚାରିଚକିଆ ଯାନ ପାର୍କିଂ ପାଇଁ ଷ୍ଟାଣ୍ଡରେ ଚଢ଼ାଦରରେ ଟିକେଟ୍ କରାଯାଉଥିବା ବେଳେ ଚଳିତବର୍ଷ ଏହା ଉପରେ ରୋକ୍ ଲଗାଯାଇଛି। ସାଇକେଲ ପାଇଁ ୧୦ ଟଙ୍କା, ବାଇକ୍ ୨୦ ଟଙ୍କା ଓ ଚାରିଚକିଆ ଯାନ ୪୦ ଟଙ୍କା ଟିକେଟ୍‌ର ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଏହାଠାରୁ ଅଧିକ ନିଆଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତ୍ୟେକ ଷ୍ଟାଣ୍ଡ ପାଇଁ ପୌରପାଳିକାରୁ ଅନୁମତିନେବା ସହ ସ୍ଥାନୀୟ ଥାନାକୁ ଅବଗତ କରାଯିବ ବୋଲି ସୂଚନା ଦିଆଯାଇଛି। ସବୁ ପୂଜା ମଣ୍ଡପରେ ସିସି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପଥରକାଳୀ ନିକଟସ୍ଥ ଖେଳପଡ଼ିଆରେ ଦୁଇଦିନ ସଙ୍ଗୀତ ନାଟକ ଏକାଡେମୀ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଭିଡ଼ ନିୟନ୍ତ୍ରଣ, ଚୋରି, ଛିନ୍‌ତାଇ ରୋକିବାକୁ ସାଦା ପୋଷାକରେ ପୋଲିସ ବ୍ୟବସ୍ଥା କରାଯିବା ନେଇ ଏସ୍‌ପି ସୂଚନା ଦେଇଥିଲେ। ପୂଜା ମଣ୍ଡପରେ ଆଲୋକୀକରଣ, ପାନୀୟ ଜଳ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଅସ୍ଥାୟୀ ଶୌଚାଳୟ, ବାସି ଖାଦ୍ୟ ବିକ୍ରି ବନ୍ଦ ପାଇଁ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସ୍କୁଲରୋଡ୍ ପୂଜା ମଣ୍ଡପ ନିକଟସ୍ଥ ରାମଚନ୍ଦ୍ର ବିହାରୀଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଏବଂ ଓର୍‌ମାସ୍ ପକ୍ଷରୁ ଷ୍ଟଲ୍ ଖୋଲାଯିବ। ପୂଜା ସମୟରେ ୮ ଓ ୯ ତାରିଖରେ ଧାମନଗର ଉର୍ସ ପର୍ବ ପାଳନ ହେବାକୁ ଥିବାରୁ ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ଟ୍ରେନ୍ ଯୋଗେ ଆସିବେ। କାଳୀପୂଜା ଗହଳି ଥିବାରୁ ସବୁ ଏକ୍ସପ୍ରେସ୍ ଟ୍ରେନ୍ କେନ୍ଦୁଆପଦା ରେଳ ଷ୍ଟେଶନରେ ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଶାନ୍ତି କମିଟି ସଦସ୍ୟ ଅତିସ କୁମାର ବେହେରା, ସୁଧାକର ରାଉତ, ବିଦ୍ୟାଧର ସାହୁ, ଗୌରାଙ୍ଗ ପଣ୍ଡା, ଏସ୍.ଏମ୍. ଫାରୁକ୍, ଉମର ଅଲ୍ଲୀ ପ୍ରମୁଖ ଯୋଗ ଦେଇ ମତାମତ ରଖିଥିଲେ।

### ମୋବାଇଲ, ଟଙ୍କା ଚୋରି କରି ନୃତ୍ୟଶିଳ୍ପୀ ଗିରଫ

**୭ ମୋବାଇଲ ଜବତ**

ତିହିଡ଼ି,୧୭।୧୦(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନଙ୍କଠାରୁ ଟଙ୍କା ଓ ମୋବାଇଲ ଚୋରି ଅଭିଯୋଗରେ ଉକ୍ତ ଗ୍ରୁପ୍‌ର ଜଣେ ନୃତ୍ୟଶିଳ୍ପୀଙ୍କୁ ବୁଧବାର ତିହିଡ଼ି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ନୃତ୍ୟଶିଳ୍ପୀ ହେଲେ ବାଲେଶ୍ୱର ଜିଲା ଗୋପାଳପୁର ଥାନା ଅଧୀନ କଲ୍ୟାଣୀ ଗାଁର ଜୟନ୍ତ କୁମାର ଦତ୍ତ। ଜୟନ୍ତ ତିହିଡ଼ିସ୍ଥିତ ଡ୍ୟାନ୍ସ ଗ୍ରୁପ୍ କାର୍ଯ୍ୟାଳୟ ଆଖପାଖରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ପୋଲିସ ତାଙ୍କଠାରୁ ୭ଟି ମୋବାଇଲ ଜବତ କରିଛି।

ଅଭିଯୋଗ ଅନୁଯାୟୀ, ଗତ ୧୨ତାରିଖରେ ଦୋଳସାହିଠାରେ ତିହିଡ଼ି ଡ୍ୟାନ୍ସ ଗ୍ରୁପ୍‌ର ଏକ କାର୍ଯ୍ୟକ୍ରମ ଥିଲା। କାର୍ଯ୍ୟକ୍ରମ ସରିବା ପରେ କଳାକାରମାନେ ଗ୍ରୁପ୍‌ର ତିହିଡ଼ିସ୍ଥିତ କାର୍ଯ୍ୟାଳୟରେ ରାତ୍ରିଯାପନ କରିଥିଲେ। ସମସ୍ତେ ଶୋଇଥିବାର ସୁଯୋଗ ନେଇ ଜୟନ୍ତ ୭ଟି ମୋବାଇଲ, ୮ ହଜାର ଟଙ୍କା ସହ ୨ଟି ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ। ପରେ ଗ୍ରୁପ୍ ମାଲିକ ଆରସା ଗ୍ରାମର ବରୁଣ ନାୟକ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୪୬୬/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।


ବନ୍ତ ଥାନା ଛକ ଗଜଲକ୍ଷ୍ମୀ ପୂଜା ମଣ୍ଡପ ତୋରଣ।


କେନ୍ଦୁଆପଦା ଛକରେ ପୂଜା ପାଉଛନ୍ତି ଗଜଲକ୍ଷ୍ମୀ।

### ୨ ମଣ୍ଡପରେ ଗଜଲକ୍ଷ୍ମୀଙ୍କ ଆରାଧନା

ବନ୍ତ,୧୭।୧୦(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ଛକ ଓ କେନ୍ଦୁଆପଦା ଛକର ୨ ମଣ୍ଡପରେ ବୁଧବାର ରାତିଠାରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଦୀର୍ଘ ୩୫ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ପୂଜା ଚଳିତବର୍ଷ ମହାଆଡ଼ମ୍ବରରେ ଆୟୋଜନ କରାଯାଇଛି। ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ପାର୍ଶ୍ୱରେ ଗଢ଼ା ଯାଇଥିବା ବାରୁଆଲି ମୂର୍ତ୍ତି ଓ ସୁଉଚ୍ଚ ତୋରଣ ଦର୍ଶକମାନଙ୍କୁ ଆକୃଷ୍ଟ କରୁଛି। ରାଜ୍ୟ ରାଜପଥର ସିନେମା ହଲ୍ ଛକଠାରୁ କେନାଲ ଛକ ପର୍ଯ୍ୟନ୍ତ ବଜାରର ଉଭୟ ପାର୍ଶ୍ୱକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯାଇଛି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଦୋଳି, ମୀନାବଜାର, ଚାଟ୍, ମନୋହରୀ ଦୋକାନ ଆଦି ଖୋଲିଛନ୍ତି। ଏହି ପୂଜା ଦେଖିବାକୁ ଭଦ୍ରକ ସମେତ ପଡ଼ୋଶୀ କେନ୍ଦୁଝର ଜିଲାରୁ ଦର୍ଶକମାନେ ଆସିଥାନ୍ତି। ୭ ଦିନ ଧରି ପୂଜା ଚାଲିବାକୁ ଥିବାବେଳେ ଚଳିତବର୍ଷ ଅନୁକୂଳ ପାଗ ଯୋଗୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିବ ବୋଲି ଉଭୟ କମିଟି ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

ଥାନା ଛକସ୍ଥିତ ମଣ୍ଡପରେ ସଞ୍ଜୀବ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ନିକଟସ୍ଥ କପାଳୀ ନଦୀରୁ କଳସ ଆଣିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଭାସ୍କର ଚନ୍ଦ୍ର ଶତପଥୀ, ସନ୍ତୋଷ କୁମାର ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। କମିଟି ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ନୃସିଂହ ଚରଣ ପରିଡ଼ା, ଉପସଭାପତି ସୌକତ୍ ଅଲ୍ଲୀ, ସହସମ୍ପାଦକ ଜଳଧର ପଣ୍ଡା, କୋଷାଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସମେତ ସଦସ୍ୟମାନେ ସହଯୋଗ କରୁଛନ୍ତି। ସେହିପରି କେନ୍ଦୁଆପଦା ଛକ ମଣ୍ଡପରେ କାହ୍ନୁ ଚରଣ ରାମ ଜଳସେଚନ ଅଫିସ ପୁଷ୍କରିଣୀରୁ କଳସ ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। ପୂଜକ ଭଗବାନ ପତି, ରାଷ୍ଟ୍ରପତି ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। କମିଟି ସଭାପତି ବିଜୟ କୁମାର ନାୟକ, ସମ୍ପାଦକ ସେକ୍ କଦମ୍, ଉପଦେଷ୍ଟା ଅଖିଳ ସାହୁ, ରଘୁନାଥ ରଣା, ମୋହନ ସାହୁଙ୍କ ସମେତ ସଦସ୍ୟମାନେ ସହଯୋଗ କରୁଛନ୍ତି। ବନ୍ତ ପୋଲିସ ପକ୍ଷରୁ ଶାନ୍ତିଶୃଂଖଳା ରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଆସନ୍ତା ବୁଧବାର ଉଭୟ କମିଟିର ଭସାଣି ଉତ୍ସବ ହେବ ବୋଲି ଜଣାଯାଇଛି।

### ଜେସିବି ସାମ୍ନାରେ ଶୋଇ ପ୍ରତିବାଦ


ତାଳପଦା ମୌଜାରେ ଜବରଦଖଲ ଉଚ୍ଛେଦ ହେଉଛି।

ତିହିଡ଼ି,୧୭।୧୦(ସଞ୍ଜିତ ବଳ)

**ଅଧାରେ ଅଟକିଲା ଜବରଦଖଲ ଉଚ୍ଛେଦ**

- ୧୫ ଦିନ ସମୟ ନେଲେ ପ୍ରଧାନ ଶିକ୍ଷକ

ତିହିଡ଼ି ତହସିଲ ଅଧୀନ ତାଳପଦା ମୌଜାରେ ସମ୍ପୂର୍ଣ୍ଣ ହୋଇପାରିଲାନି ଜବରଦଖଲ ଉଚ୍ଛେଦ। ଅଧାରେ ଅଟକି ରହିଲା। ଜେସିବି ସାମ୍ନାରେ ଶୋଇ ରହି ଉଚ୍ଛେଦକୁ ବିରୋଧ କଲେ ଜବରଦଖଲକାରୀ ପ୍ରଧାନ ଶିକ୍ଷକ ଓ ତାଙ୍କ ସ୍ତ୍ରୀ। ଉଚ୍ଛେଦ ପାଇଁ ଜବରଦଖଲକାରୀ ୧୫ ଦିନ ସମୟ ନେବା ପରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଫେରିଯାଇଥିଲେ।

ଏହି ମୌଜାରେ ଏକ ସର୍ବସାଧାରଣ ରାସ୍ତାର କିଛି ଅଂଶକୁ ଜବରଦଖଲ କରି ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବେହେରା ଘର କରିଥିବା ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଉଚ୍ଛେଦ ପାଇଁ ଦାବି ଜଣାଇଥିଲେ। ଏହି ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା ସେମାନେ ଦର୍ଶାଇଥିଲେ। ରାସ୍ତା ଅବରୋଧ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ଗୁରୁବାର ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ, ଆର୍‌ଆଇ ମୀନକେତନ ଦାସ, ବିକାଶ କୁମାର ଦାସ, ଅମିନ ଜାକିର ହୋସେନ, ଅମିତ ପାଢ଼ୀ ପ୍ରମୁଖ ପହଞ୍ଚିଥିଲେ। ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ଏସ୍‌ଆଇ ଅରୁନ୍ଧତୀ ବେହେରା, ପ୍ରବୀଣ ଗିରି, ଏଏସ୍‌ଆଇ କମଳାକାନ୍ତ ଶତପଥୀ ପ୍ରମୁଖ ୧ ପ୍ଲାଟୁନ ପୋଲିସ ଫୋର୍ସ ସହ ସେଠାରେ ଉପସ୍ଥିତ ଥିଲେ। ଜେସିବି ସହାୟତାରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତାରେ ଥିବା ଗଛକୁ ସଫା କରାଯାଇଥିଲା। ସରକାରୀ ଜାଗାରେ ଥିବା ଘରର କିଛି ଅଂଶକୁ ଭାଙ୍ଗିବାକୁ ଉଦ୍ୟମ ପରେ ପ୍ରଧାନ ଶିକ୍ଷକ ବେହେରା, ତାଙ୍କ ସ୍ତ୍ରୀ ସରପଞ୍ଚ ଜୟଶ୍ରୀ ବେହେରା ପ୍ରମୁଖ ଜେସିବି ସାମ୍ନାରେ ଶୋଇ ରହି ପ୍ରତିବାଦ କରିଥିଲେ। ଘର ଭାଙ୍ଗିଲେ ପକ୍ଷାଘାତରେ ପୀଡ଼ିତ ଥିବା ତାଙ୍କ ମା' ଅଧିକ ଅସୁସ୍ଥ ହୋଇଯିବେ। ୧୫ ଦିନ ସମୟ ଦିଆଯାଉ ବୋଲି ସେ ନିବେଦନ କରିଥିଲେ। ସେ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବା ପରେ ଉଚ୍ଛେଦ ଅଧାରେ ରହିଥିବା ଜଣାଯାଇଛି। ସରପଞ୍ଚ ବେହେରା କହନ୍ତି, ଉକ୍ତ ରାସ୍ତା ଗୋପୀନାଥଜୀଉଙ୍କ ନାମରେ ଥିବାରୁ ଏହା ଉପରେ ପ୍ରଶାସନର ଅଧିକାର ନାହିଁ। ଅପରପକ୍ଷେ ଏହା ଦେବୋତ୍ତର ବିଭାଗକୁ ହସ୍ତାନ୍ତର ହେବା ପରେ ସର୍ବସାଧାରଣ ରାସ୍ତା ପାଲଟିଥିବାରୁ ପ୍ରଶାସନ ଉଚ୍ଛେଦର ଦାୟିତ୍ୱ ନେଇଛି ବୋଲି ତହସିଲଦାର କହିଛନ୍ତି।

### ଗଜଲକ୍ଷ୍ମୀ ପୂଜା: ମାଳଦା ଉତ୍ସବମୁଖର

ଭଣ୍ଡାରିପୋଖରୀ,୧୭।୧୦(ରାଜେନ୍ଦ୍ର ଶତପଥୀ)


ମାଳଦାରେ ପୂଜା ପାଉଛନ୍ତି ଗଜଲକ୍ଷ୍ମୀ।

ଗଜଲକ୍ଷ୍ମୀ ପୂଜା ପାଇଁ ଭଣ୍ଡାରିପୋଖରୀ ବ୍ଲକର ମାଳଦା ଉତ୍ସବମୁଖର ହୋଇଛି। ଜଗନ୍ନାଥ ବଜାର ବଣିକ ସଂଘ ଆନୁକୂଲ୍ୟରେ ଆୟୋଜିତ ମା' ଗଜଲକ୍ଷ୍ମୀଙ୍କ ୨୬ତମ ପୂଜା ଉତ୍ସବ ବୁଧବାର ଆରମ୍ଭ ହୋଇଛି। ଶିଳ୍ପୀ କାଶୀନାଥ ପରିଡ଼ା ଓ ଖଗେଶ୍ୱର ପରିଡ଼ାଙ୍କ ଦ୍ୱାରା ପାରମ୍ପରିକ ଭାବେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। କର୍ତ୍ତା ଭାବେ ଅନୀଲ କୁମାର ଶତପଥୀ ଓ ସୁଦୀପ୍ତା ଶତପଥୀ ଜଳଘଟ ଉତ୍ତୋଳନ କରି ସଂକଳ୍ପ କରିଥିଲେ। ପୂଜକ ରବୀନ୍ଦ୍ର କର, ବିଜୟ ତ୍ରିପାଠୀ ଓ ରାଜେଶ ତ୍ରିପାଠୀ ପୂଜା କାର୍ଯ୍ୟ ବିଧିମତେ ତୁଲାଉଛନ୍ତି। ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ସାଜସଜ୍ଜା ଆକର୍ଷଣ ସାଜିଥିବା ବେଳେ ମୀନାବଜାର ପଡ଼ିଛି। ଚଳିତବର୍ଷ ୯ ଦିନ ବ୍ୟାପୀ ପୂଜାର ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହେବ। ସଂଘର ସଭାପତି ଚନ୍ଦ୍ରଶେଖର ମହାନ୍ତି, ଅଜୟ ବାରିକ, ଗୋପାଳ କୁଅଁର, କମଳାକାନ୍ତ ସାମଲ, ଦେବାଶିଷ ପଣ୍ଡା, ଶ୍ୟାମସୁନ୍ଦର ଦାସ, ନିରଞ୍ଜନ ବେହୁରିଆ ପ୍ରମୁଖ ପରିଚାଳନା କରୁଛନ୍ତି।

ସେହିପରି ଭଣ୍ଡାରିପୋଖରୀ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଘଟୋତ୍ତଳନ କରି ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। କାରିଗର ଶଶଧର ସାହୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଛନ୍ତି। ପୂଜକ ନାରାୟଣ ଚନ୍ଦ୍ର ପଣ୍ଡା ଓ ସାଥୀ ପୂଜା କାର୍ଯ୍ୟ ତୁଲାଉଛନ୍ତି। କମିଟି ସଭାପତି ମହେନ୍ଦ୍ର ପରିଡ଼ା, ସୁଧାଂଶୁ ମୋହନ ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ନାୟକ, ରାଜେନ୍ଦ୍ର ଦାସ, ଜ୍ଞାନେନ୍ଦ୍ର ସାହୁ, ରାଜେନ୍ଦ୍ର ରାଉତ, ନାରାୟଣ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରୁଛନ୍ତି।

### ୯୦ ଦିନ ଯାଏ ଥାନା ଅଞ୍ଚଳରେ ପୋଲିସ ଆକ୍ଟ ଲାଗୁ

ଭଦ୍ରକ,୧୭।୧୦(ସନାତନ ରାଉତ)

ଭଦ୍ରକ ଜିଲାର ୧୯ଟି ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ପୋଲିସ ଆକ୍ଟର ଧାରା ୩୦ ଲାଗୁ ହୋଇଛି। ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ଶାନ୍ତି ବଜାୟ ରଖିବା ପାଇଁ ଜିଲା ମାଜିଷ୍ଟ୍ରେଟଙ୍କ ଅନୁମୋଦନକ୍ରମେ ଚଳିତମାସ ୧୪ ତାରିଖଠାରୁ ୨୦୨୫ ଜାନୁଆରୀ ୧୧ ପର୍ଯ୍ୟନ୍ତ ୯୦ଦିନ ଏହି ଧାରା ବଳବତ୍ତର ରହିବ ବୋଲି ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ସମସ୍ତ ଥାନାଧିକାରୀ, ସିଟି ଡିଏସ୍‌ପି ଓ ଏସ୍‌ଡିପିଓଙ୍କୁ ଚିଠି କରିଛନ୍ତି। ଏହି ଆଇନ ବଳରେ ସମ୍ପୃକ୍ତ ଅଞ୍ଚଳରେ ପୋଲିସର ବିନା ଅନୁମତିରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି ଓ ଶୋଭାଯାତ୍ରା ହୋଇପାରିବ ନାହିଁ। ସେହିପରି କୌଣସି ଆନ୍ଦୋଳନ, ଧାରଣା, ବିକ୍ଷୋଭ ବିନା ଅନୁମତିରେ ହୋଇପାରିବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି। ଭଦ୍ରକ ଟାଉନ ଥାନା ଅଧୀନରେ ପୌରାଞ୍ଚଳ, ପୁରୁଣାବଜାର ଥାନା ଅଧୀନ ସମସ୍ତ ଅଞ୍ଚଳ, ଗ୍ରାମାଞ୍ଚଳ ଥାନା ଅଧୀନ କେନ୍ଦୁଆପଦା, ଅର୍ଣ୍ଣପାଳ, ଗୁଜିଦରଡ଼ା, ତଳାଙ୍ଗ, ବରପଦା, ଓଲଙ୍ଗ, ରାମକୃଷ୍ଣପୁର, ବାଣିତିଆ, ସାତଭଉଣୀ, ଆରଡ଼ିଛକ, ବନ୍ଧଗାଁ, ତୁନିଦା ଆଦି ବିଭିନ୍ନ ଅଞ୍ଚଳ ରହିଥିବା ବେଳେ ୧୯ଟି ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଏହି ଆଇନକୁ କଡ଼ାକଡ଼ି କରାଯାଇଛି।

### ଜବରଦଖଲ, ବେଆଇନ ପାଚେରି ନିର୍ମାଣକୁ ବିରୋଧ

ଚାନ୍ଦବାଲି,୧୭।୧୦(କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ଅଧୀନ ବ୍ଲକ୍‌ରୋଡ୍‌କୁ ଲାଗି ଥିବା ଏକ ପ୍ଲଟ୍‌କୁ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ପରିବାର ଦୀର୍ଘଦିନ ହେବ ଜବରଦଖଲ କରି ରହିଆସୁଛନ୍ତି। ଏହାକୁ ଉଚ୍ଛେଦ ପାଇଁ ଚାନ୍ଦବାଲିବାସୀଙ୍କ ପକ୍ଷରୁ ଗୁରୁବାର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନେ ଦର୍ଶାଇଛନ୍ତି ଯେ, ଚାନ୍ଦବାଲି ଏନ୍‌ଏସି ହେବା ପରେ ସରକାରୀ ଗୃହ ନିର୍ମାଣ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଲାଗି ଜାଗା ଆବଶ୍ୟକ ଥିବାବେଳେ ଉକ୍ତ ପରିବାର ପ୍ଲଟ୍‌ରୁ ପ୍ରାୟ ୩୦ ଡିସିମିଲ ଜାଗା ବେଆଇନ ଭାବେ ଦଖଲରେ ରଖିଛନ୍ତି। ଏବେ ସେହି ଜାଗା କୌଣସି ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇ ନ ଥିବା ସତ୍ତ୍ୱେ ସେଠାରେ ପ୍ରାୟ ୫ ଲକ୍ଷ ଟଙ୍କା ଅଟକଳରେ ଧର୍ମାନୁଷ୍ଠାନ ପାଚେରି ନାମରେ ଏକ ପ୍ରୋଜେକ୍ଟ ମାଧ୍ୟମରେ ପାଚେରି ନିର୍ମାଣ କରାଯାଉଛି। ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିବାବେଳେ ବେଆଇନ ପାଚେରି ନିର୍ମାଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଅନୁଧ୍ୟାନ କରି ବେଆଇନ ନିର୍ମାଣ ଓ ସରକାରୀ ଜାଗାକୁ ଜବରଦଖଲମୁକ୍ତ କରାଯିବାକୁ ଶତାଧିକ ଲୋକ ତହସିଲଦାରଙ୍କ ମାଧ୍ୟମରେ ଜିଲାପାଳଙ୍କୁ ମଧ୍ୟ ଏକ କପି ପ୍ରଦାନ କରିଛନ୍ତି। ଆଇନଜୀବୀ କମଳାକାନ୍ତ ସୂତାର, ତ୍ରିଲୋଚନ ଦାସ, ପ୍ରଭାସ ଶୁଭଦର୍ଶନ ମହାନ୍ତି, ଆଦିତ୍ୟ ବିଶ୍ୱାଳ, ମାନସୀ ଆଚାର୍ଯ୍ୟ, ମୀନକେତନ ବିଶ୍ୱାଳ, ସରୋଜ ବଳ, ପୂର୍ଣ୍ଣଚନ୍ଦ୍ର ପାଣି, ଜୁବୁଲା ମହାନ୍ତି, କାହ୍ନୁଚରଣ ବେହେରା, ଦୀପକ ଭଳ, ସନ୍ତୋଷ ବାରିକ, ଅଭିମନ୍ୟୁ ଦାସ, ଦିଲୀପ ରାଉତ, ଜୟନ୍ତ ମହାଳିକ, ସ୍ମୃତିରଞ୍ଜନ ନାୟକ, ବିଳାସ ନାୟକ, ବିଷ୍ଣୁ ଦାସ, ବିକାଶ ଦାସ, ଅଭୟ ସାମଲ, ଲଲାଟେନ୍ଦୁ ରାୟ, ଅନୁପ ଜେନା, ଅମୂଲ୍ୟ ଭୋଇ, ତାପସ ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

**ଏକ ପରିବାରକୁ ଆକ୍ରମଣ ଘଟଣା**

### ଅଭିଯୁକ୍ତଙ୍କୁ ଗିରଫ ଦାବି କଲା ଧର୍ମରକ୍ଷା ସମିତି

ଭଦ୍ରକ,୧୭।୧୦(ସନାତନ ରାଉତ/ ରବିନାରାୟଣ ଖିଲାର)


ସମିତି ପକ୍ଷରୁ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ଦିଆଯାଉଛି।

ଭଦ୍ରକ ବ୍ଲକ ଗୁଜିଦରଡ଼ା ପଞ୍ଚାୟତର ଏକ ପରିବାରକୁ ଗତ ୮ ତାରିଖରେ କେତେକ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିଲେ। ଏନେଇ ଗୁଜିଦରଡ଼ା ଫାଣ୍ଡିରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ କରି ଧର୍ମରକ୍ଷା ସମିତି ପକ୍ଷରୁ ଗୁରୁବାର ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ସହ ଭଦ୍ରକ ବନ୍ଦ ଡାକରା ଦେବେ ବୋଲି ଧର୍ମରକ୍ଷା ସମିତିର ଆବାହକ ମାନସ ମହାନ୍ତି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ଶୁଭମ୍ ଜେନା(୧୭) ତାଙ୍କ ଦୋକାନରେ ବସିଥିବା ବେଳେ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ସହ ବଚସା ହୋଇଥିଲା। ପରେ ଉକ୍ତ ଡ୍ରାଇଭର ଫୋନ୍ ମାଧ୍ୟମରେ ତାଙ୍କ ସହଯୋଗୀମାନଙ୍କୁ ଡକାଇ ସଂଘବଦ୍ଧ ଭାବେ ଶୁଭମ୍‌ଙ୍କୁ ମାଡ଼ ମାରିଥିଲେ। ଶୁଭମ୍‌ଙ୍କ ମା' ଓ ଭଉଣୀ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଶୁଭମ୍‌ଙ୍କୁ ମାଡ଼ ବେଳେ ତାଙ୍କ ଭଉଣୀ ମୋବାଇଲରେ ଭିଡିଓ ରେକର୍ଡ କରୁଥିବା ଦେଖି ଜଣେ ଆକ୍ରମଣକାରୀ ମୋବାଇଲ ଛଡ଼ାଇ ନେଇଥିଲେ। ମୋବାଇଲ ଫର୍ମାଟ୍ କରି ସମସ୍ତ ଡାଟା ସହ ଆକ୍ରମଣର ଭିଡିଓ ନଷ୍ଟ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଗୁଜିଦରଡ଼ାରେ ସାମ୍ପ୍ରଦାୟିକ ଆକ୍ରମଣକୁ ରୋକିବା ପାଇଁ ସେଠାରେ ପୋଲିସ ବ୍ୟାରେକ୍ ନିର୍ମାଣ, କାର୍ଯ୍ୟରେ ଅବହେଳା କରିଥିବା ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ସମିତିର ସଭାପତି ଡ. ଅଜୟ ପଣ୍ଡା, ସୁରେନ୍ଦ୍ରନାଥ ମହାପାତ୍ର, ଡ. ଅଜୟ ଦାସ, ସାଧାରଣ ସମ୍ପାଦକ ସଞ୍ଜୀବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### 'ଦୋକାନ ଭାଙ୍ଗିଦେଲେ, ଥଇଥାନ କଲେନି'

**ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବ୍ୟବସାୟୀଙ୍କ ବିକ୍ଷୋଭ**

ଭଦ୍ରକ,୧୭।୧୦(ସନାତନ ରାଉତ)



ଉଠାଦୋକାନୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଦ୍ରକ ସହର ରାସ୍ତାପାର୍ଶ୍ୱରେ ଛୋଟବଡ଼ ଦୋକାନ କରି କିଛି ଲୋକ ପରିବାର ଚଳାଉଥିଲେ। ୩ ମାସ ତଳେ ପୌରପାଳିକା ଓ ଜିଲା ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ ଉଚ୍ଛେଦ କରିଦିଆଯାଇଛି। ସେମାନଙ୍କୁ ଏପର୍ଯ୍ୟନ୍ତ ଥଇଥାନ ବ୍ୟବସ୍ଥା କରାଯାଇ ନ ଥିବାରୁ ଏହାର ପ୍ରତିବାଦରେ କ୍ଷୁଦ୍ର ବ୍ୟବସାୟୀ ଓ ଉଠାଦୋକାନୀ ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରୁ ମିନାଜ ଖାଁ, ଚନ୍ଦ୍ରଶେଖର ନାୟକ, ହେମନ୍ତ ବେହେରା ଓ ସେକ୍ ମୁନ୍ତାଜଙ୍କ ନେତୃତ୍ୱରେ ସହର ପରିକ୍ରମା ପରେ ଦୋକାନୀମାନେ ଜିଲାପାଳଙ୍କ ଅଫିସ୍ ଆଗରେ ପହଞ୍ଚିଥିଲେ। ସେଠାରେ ସିଟୁ ନେତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରଫୁଲ୍ଲ ପାଢ଼ୀ, ବସିର ଖାଁ, ରାଧା ଦାସ ଓ ସେକ କମାର ଯୋଗଦେଇ ଡବଲ ଇଞ୍ଜିନ ସରକାର ବିରୋଧର ସ୍ୱର ଉତ୍ତୋଳନ କରିଥିଲେ। ଦୋକାନ ଭାଙ୍ଗି ଦିଆଯିବାରୁ ଦୋକାନୀମାନେ ଜୀବିକା ହରାଇଥିବା ବେଳେ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଆଜିଯାଏ ସେମାନଙ୍କୁ ସହାୟତା ମିଳିନାହିଁ ବୋଲି ଅଭିଯୋଗ ହୋଇଛି। ତୁରନ୍ତ ଭେଣ୍ଡିଂଜୋନ୍ ପ୍ରତିଷ୍ଠା କରାଯାଇ ସେମାନଙ୍କୁ ଥଇଥାନ ପାଇଁ ଦାବି କରି ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ନୂଆ ବସ୍‌ଷ୍ଟାଣ୍ଡ ଚାଲୁ କରିବା, ମୋଟେଲ ଛକରୁ ଆରଡ଼ିଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ ହଟାଇବା, ଜଳ ନିଷ୍କାସନ ବ୍ୟବସ୍ଥା, ସରକାରୀ ଜମି ଜବରଦଖଲ କରିଥିବା ବଡ଼ ବଡ଼ ଲୋକଙ୍କୁ ଉଚ୍ଛେଦ ପାଇଁ ଜିଲାପାଳ ଦିଲୀପ ରାଉତରାଏ ଓ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ସହ ସେମାନେ ଆଲୋଚନା କରିଥିଲେ। କାଳୀପୂଜା ପରେ ଭେଣ୍ଡିଂଜୋନ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇ ଥିବା ସିଟୁ ନେତା ଦିବ୍ୟସିଂହ କହିଛନ୍ତି।

# ରାଇରଙ୍ଗପୁରରେ ରାତ୍ରିଯାପନ କରିବେ ରାଷ୍ଟ୍ରପତି

## ସୁରକ୍ଷା ବ୍ୟବସ୍ଥା ନେଇ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ

**ବାରିପଦା,୧୭।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତ କାର୍ଯ୍ୟକ୍ରମ ସଫଳ କରିବା ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ବହୁ ପ୍ରତୀକ୍ଷିତ ଜିଲାରେ ୩ ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ପରେ ଗୁରୁବାର ଜିଲାପାଳ ହେମକାନ୍ତ ସଏ ଓ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ଓ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଆସନ୍ତା ୨୩ ତାରିଖରେ ରାଇରଙ୍ଗପୁର ଏବଂ ୨୪ରେ ବାଙ୍ଗିରିପୋଷିଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ତାଙ୍କ ସହ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀ, ରାଜ୍ୟ କ୍ୟାବିନେଟ ମନ୍ତ୍ରୀ, ବିଧାୟକ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତିଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ, ଜରୁରୀକାଳୀନ ଅଗ୍ନିଶମ ଦାୟିତ୍ୱ, ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ, ମଞ୍ଚ ପରିଚାଳନା, କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଇତ୍ୟାଦି ବ୍ୟବସ୍ଥାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ଜିଲାପାଳ ସଏ ସମସ୍ତ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି।

୨୩ ତାରିଖରେ ରାଷ୍ଟ୍ରପତି ଜନ୍ମମାଟି ଉପରବେଡ଼ା ଗ୍ରାମକୁ ଯାଇ ପାଠ ପଢୁଥିବା ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ। ପରେ ସେ ସଡ଼କ ପଥରେ ରାଇରଙ୍ଗପୁରସ୍ଥିତ ବାସଭବନରେ ପହଞ୍ଚିବେ। ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଯାଇ ଏସ୍ଏଲ୍ଏସ୍ ଟ୍ରଷ୍ଟ ପକ୍ଷରୁ ଏକ ଯାନର ଲୋକାର୍ପଣ କରିବେ। ଏଥିସହିତ ରାଇରଙ୍ଗପୁରସ୍ଥିତ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରେ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରକୁ ଯାଇ ଦେବ ଦର୍ଶନ କରିବା ସହ ନୂତନ ଭାବେ ସ୍ଥାପିତ ଗଣେଶ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରିବା ପରେ ରାଇରଙ୍ଗପୁରସ୍ଥିତ ବାସଭବନରେ ରାତ୍ରିଯାପନ କରିବେ । ୨୪ ତାରିଖରେ ବାଙ୍ଗିରିପୋଷିରେ ପହଞ୍ଚି ତିନୋଟି ନୂତନ ରେଳପଥ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢାମରା-ଚକୁଳିଆ ଓ ବାଦାମ ପାହାଡ-କେନ୍ଦୁଝରଗଡ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ତେବେ ଝାଡ଼ଖଣ୍ଡ ରାଜ୍ୟ ନିର୍ବାଚନ ଘୋଷଣା ହୋଇଥିବା ଯୋଗୁଁ ବୁଢାମରା-ଚକୁଳିଆ ରେଲୱେ ଲାଇନର ଭିତ୍ତିପ୍ରସ୍ତର ସ୍ଥାପନ ହେବା ନେଇ ଅନିଶ୍ଚିତତା ଦେଖାଯାଇଛି ।

ବୈଠକରେ ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭୟ ଦାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାମନଘାଟି ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଏବଂ ବାମନଘାଟି ଉପଖଣ୍ଡର ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଗଜଲକ୍ଷ୍ମୀ ପୂଜା


ମୋରଡ଼ାରେ ପୂଜା ପାଉଥିବା ଗଜଲକ୍ଷ୍ମୀ ମୂର୍ତ୍ତି।

**ମୋରଡ଼ା(ସ୍ମାରକ ମାଜୀ)/ଉଦଳା(ସନ୍ତୋଷ କୁମାର ବାଛିନୀ)/ ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଡୁଆଳ)/ ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲା),୧୭।୧୦**

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମୋରଡ଼ା ବ୍ଲକର ଚିତ୍ରଡ଼ା ବଜାର, ତଳସାହି, କଲଣି ଛକ,ଭୈରବୀ ମନ୍ଦିର ଛକ, ମୋରଡ଼ା ବଜାର, ବଡ଼ଜାମବଣିରେ ଗଜଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ରାତିରେ ଉକ୍ତ ପୂଜା ମଣ୍ଡପଗୁଡ଼ିକରେ ଘଟ ଉତ୍ତୋଳନ ହେବା ପରେ ମା'ଙ୍କ ପୂଜା ପାଠ କାର୍ଯ୍ୟକ୍ରମ ହୋଇଥିଲା। ଚିତ୍ରଡ଼ା ଭୈରବୀ ମନ୍ଦିର ଛକ ନିକଟରେ ହୋଇଥିବା ମା'ଙ୍କ ପୂଜା ଉପଲକ୍ଷେ ଗୁରୁବାର ଦିନ ତମାମ ପ୍ରସାଦ ବଣ୍ଟନ କରାଯାଇଛି। ଏଥିରେ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି।

ଉଦଳାଠାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ଛକ ଗଜଲକ୍ଷ୍ମୀ ପୂଜା ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ରୀତିନୀତି ଅନୁସାରେ ବୁଧବାର ରାତିରେ ନୃତ୍ୟଗୀତର ତାଳେ ତାଳେ ସର୍ବପୁରାତନ ମଣିନାଗେଶ୍ୱର ମନ୍ଦିର ନିକଟ ପୋଖରୀରୁ ଘଟୋତ୍ତଳନ କରାଯାଇଥିଲା। କର୍ତ୍ତା ଭାବେ ମଧୁସୂଦନ ରାୟ, ବିଶ୍ୱନାଥ ବେହେରା, ଗତିକୃଷ୍ଣ ମହାପାତ୍ର ଘଟୋତ୍ତଳନ କରିଥିଲେ। ପରେ ଗଜଲକ୍ଷ୍ମୀଙ୍କର ପୂଜା କରାଯାଇଥିଲା। ପୂଜକ ସିଦ୍ଧେଶ୍ୱର ମିଶ୍ରଙ୍କ ସହିତ ଅନ୍ୟ ପୂଜକମାନେ ବିଧି ମୁତାବକ ପୂଜାର୍ଚ୍ଚନା କରିଥିଲେ। ଗୁରୁବାର ହୋମଯଜ୍ଞ, ଘୃତଯଜ୍ଞ ହୋଇଥିଲା । ଧୂପ ଦୀପ ଏବଂ ମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମା'ଙ୍କ ଆଶିଷ ପାଇବା ନିମନ୍ତେ ପୂଜା ମଣ୍ଡପ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। ଏହି ଅବସରରେ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଶୁକ୍ରବାର ବିସର୍ଜନ ସହିତ ଭସାଣ ଉତ୍ସବ ରହିଥିବା କମିଟିର ସଦସ୍ୟ ପ୍ରଦୀପ କୁମାର ଦାସ ସୂଚନା ଦେଇଛନ୍ତି। ଆଶିଷ କୁମାର ମହାନ୍ତି, ପ୍ରଭାକର ଜେନା, ସିତେନ ଦତ୍ତ, ଆତିଶ ଜେନା, ଶୁଭାଶିଷ ମହାନ୍ତି, ମହେନ୍ଦ୍ର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ୨୧ଟି ସ୍ଥାନରେ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଆରପଟା, ପାଳଶା, ଚିଲିମା, ଭୋଳ ପୋଖରୀ, ପୁରୁଣା ବାରିପଦା, କଲୁଣୀ ସାହି, ଆଗରପଡା, ଦାମାସାହି, କଣ୍ଟିସାହି, ପଶୁଦା, ହାଟ ନୂଆଗାଁ, କୁଶଳଦା, ଭଙ୍ଗାଚଟୁ ,ଜଇଦା ପ୍ରଭୃତି ପୂଜା ମଣ୍ଡପରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ସମସ୍ତ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂଜା ମଣ୍ଡପ ଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି।

ଧନଦାତ୍ରୀଙ୍କ ପୂଜା ସକାଶେ ବାଙ୍ଗିରିପୋଷି ବ୍ଲକ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ପାଗ ଅନୁକୂଳ ଯୋଗୁ ପୂଜା ମଣ୍ଡପଗୁଡ଼ିକରେ ବିପୁଳ ଜନ ସମାଗମ ପରିଲକ୍ଷିତ ହେଉଛି। ବାଙ୍ଗିରିପୋଷିଠାରେ ଆଲୋକ ଓ ମେଢ଼ ସଜ୍ଜା ଆକର୍ଷଣୀୟ ହୋଇଛି। ଏଠାରେ ୩ ହଜାରୁ ଊର୍ଦ୍ଧ୍ୱ ଭକ୍ତ ଅନ୍ନପ୍ରସାଦ ସେବନ କରିବା ସହ ମା'ଙ୍କ ଦର୍ଶନ କରିଛନ୍ତି। ସେହିପରି ଅଧିକାଂଶ ପୂଜାମଣ୍ଡପରେ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଛି। ମଣଦା କ୍ଲବ, ହାଣଦା, ଚନ୍ଦନପୁର, ଜଗନ୍ନାଥଖୁଣ୍ଟା, କାଳିଆମି, ଅସନବଣିରେ ଗଜଲକ୍ଷ୍ମୀ ଅନୁଷ୍ଠିତ ହେଉଛି।

# ମୟୂରଭଞ୍ଜରୁ ୨୦ କ୍ରୀଡ଼ାବିତ ସାମିଲ

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

**ବାରିପଦା,୧୭।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗର ଟାଏକୋଣ୍ଡୋ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାରୁ ୨୦ କ୍ରୀଡାବିତ ସାମିଲ ହୋଇଛନ୍ତି। ଚଳିତ ଅକ୍ଟୋବର ମାସ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲା ଅନ୍ତର୍ଗତ ଜିଲା ହାଇସ୍କୁଲଠାରେ ଏହା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକଙ୍କ ସହିତ ବାଳକ ଟିମ୍ ମ୍ୟାନେଜର ଭାବେ ରାଇରଙ୍ଗପୁର ବ୍ଲକସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହୁଲଡିହାର ପିଇଟି ଜିତେନ୍ଦ୍ର ପୈଶ୍ୱାଲ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ଶାମାଖୁଣ୍ଟା ବ୍ଲକ ସ୍ଥିତ ମା' ଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ଲାଲଗଞ୍ଜର ପିଇଟି ଜ୍ୟୋତିର୍ମୟୀ ଦାସମହାପାତ୍ରଙ୍କ ନେତୃତ୍ୱରେ ୨୦ ଜଣ କ୍ରୀଡ଼ାବିତ ଯୋଗ ଦେଇଛନ୍ତି । ସେମାନେ ହେଲେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ସ୍ୱରୂପ କୁମାର ସିଂ, ଶତ୍ରୁଘ୍ନ ମଡୁଆଳ, ଦିଗେଶ୍ୱର ମହାନ୍ତ, ବିଶାଳ ମହାନ୍ତ, ଖେଲା ସୋରେନ ଓ ବାଳିକା ବିଭାଗରେ ପଦ୍ମାବତୀ ସିଂ, ବିଷ୍ଣୁପ୍ରିୟା ବାଗ, ଲକ୍ଷ୍ମୀପ୍ରିୟା ସିଂ, ଦିବ୍ୟସ୍ମିତା ମଡୁଆଳ, ପ୍ରଭାତୀ ମୁର୍ମୁ। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅଙ୍କିତ କୁମାର ଦାସ, ରାଜେଶ ବିଶ୍ୱାଳ, ବିରଜା ସିଂ, ହିମାଂଶୁ ନାଏକ, ମନୋଜ ପଣ୍ଡିତ ଓ ବାଳିକା ବିଭାଗରେ ପୂର୍ଣ୍ଣିମା ସିଂ, ଦୀପିକା ସୋରେନ, ଦମୟନ୍ତୀ ମୁର୍ମୁ, ଚୂଡ଼ାମଣି ବାସ୍କେ, ରୂପାଲି ସିଂ। ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମସ୍ତଙ୍କ ସଫଳତା କାମନା କରାଯାଇଛି।


ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମୟୂରଭଞ୍ଜ ଜିଲାର ପ୍ରତିଯୋଗୀମାନେ।

# ଫୁଲ ବଉଳବେଣୀ ନୃତ୍ୟରେ ଝୁମିଲେ ଦର୍ଶକ


 କୁମାରୀମାନେ ଫୁଲ ବଉଳବେଣୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଉଦଳା,୧୭।୧୦(ସନ୍ତୋଷ କୁମାର ବାଛିନୀ)**

ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ ପାଳିତ ହୋଇଯାଇଛି। ନୀତିକାନ୍ତି ଅନୁଯାୟୀ ଆଳତି ପରିବାର ପକ୍ଷରୁ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ସମ୍ପନ୍ନ ହୋଇଛି । ତେବେ କୁମାର ପୂର୍ଣ୍ଣିମାରେ ଚାନ୍ଦ ବନ୍ଦାଣ ସହିତ ଗ୍ରାମର କୁମାରୀମାନେ ଫୁଲ ବଉଳ ବେଣୀ ନୃତ୍ୟ ପରିବେଷଣ କରିଥିଲେ। ଆୟୋଜିତ ଏକ ସାଂସ୍କୃତିକ ମଞ୍ଚରେ ଏହି ନୃତ୍ୟ ପରିବେଷଣ କରାଯାଇଥିଲା । ଅତିଥି ଭାବେ ବିଧାୟକ ଭାସ୍କର ମଢ଼େଇ, ଉପଖଣ୍ଡ ପୋଲିସ୍ ଅଧିକାରୀ ସାର୍ଥକ ରାୟ, ବିଭୂତି ଭୂଷଣ ମହାନ୍ତ, କୋରାପୁଟ ଜିଲା କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ ଦିପ୍ତୀ ପ୍ରକାଶ ମହାପାତ୍ର, ସରପଞ୍ଚ ବସେନ ମାରାଣ୍ଡି, ସତ୍ୟବ୍ରତ ପୃଷ୍ଟି, ଦୟାନିଧି ପୃଷ୍ଟି ପ୍ରମୁଖ ମଞ୍ଚସୀନ ରହି ନୃତ୍ୟ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଫୁଲ ବଉଳ ବେଣୀ ନୃତ୍ୟରେ ଉପସ୍ଥିତ ଦର୍ଶକ ଝୁମିଥିଲେ। ଅତିଥିମାନଙ୍କ ଦ୍ୱାରା ରତ୍ନପର୍ଣ୍ଣା ପାତ୍ର ଏବଂ ପ୍ରମୋଦିନୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ରମେଶ ଚନ୍ଦ୍ର ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଜୟନ୍ତ କୁମାର ବେହେରା, ପ୍ରମୋଦ କୁମାର ସାହୁ, ଗୌତମ ହାତୀ, ଭରତ ବେହେରା, ରତ୍ନାକର ହାତୀ, ଶାନ୍ତନୁ ହାତୀ, ମୁକ୍ତକେଶରୀ ଦାସ, କମଳାକାନ୍ତ ବେହେରା, ମନିଷା ହାତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନାଲରୁ ମୃତଦେହ ଜବତ

ଝାରପୋଖରିଆ,୧୭।୧୦(ହରେକୃଷ୍ଣ ଦାସ)- ଝାରପୋଖରିଆ ଥାନା ଅଧୀନ ନୁହାମାଳିଆ ଗ୍ରାମ ଦେଇ ଯାଇଥିବା ଶାଖା କେନାଲରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ନନ୍ଦଲାଲ ବେହେରାଙ୍କ ପୁତ୍ର ଧର୍ମୁ (୪୦)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫୦/୨୪) ରୁଜୁ ହୋଇଛି।

# ୧୪୨ ୟୁନିଟ୍ ରକ୍ତ ସଂଗ୍ରହ

**କରଞ୍ଜିଆ,୧୭।୧୦(କବିତା ମହାନ୍ତ)**

କରଞ୍ଜିଆ ଥାନା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଇଆଇସି ନିରୋଜ କୁମାର ମଲ୍ଲିକ, ଡା.ଗୌରାଙ୍ଗ ଚରଣ ନାୟକ ଓ ସାମ୍ବାଦିକମାନେ ଉପସ୍ଥିତଥିଲେ। ପରେ ଭରସା ପରିବାର ପକ୍ଷରୁ ରକ୍ତଦାତାଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଶିବିରରେ ଡା. ନାୟକ ରକ୍ତ ନମୁନା ପରୀକ୍ଷା କରିଥିବା ବେଳେ ଏଲ୍‌ଟି କପିଳ ରାଉତ, ରଜତ ମହାକୁଡ଼ ସହାଯୋଗ କରିଥିଲେ। ଏହି ଶିବିରରେ ମୋଟ ୧୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଭରସା ପରିବାର, ମାରୱାଡ଼ି ଯୁବା ମଞ୍ଚ ବିଶେଷ ଭାବେ ସହଯୋଗ କରିଥିଲେ। କରଞ୍ଜିଆ ଥାନାର ସମସ୍ତ କର୍ମଚାରୀ ଶିବିର ପରିଚାଳନା କରିଥିଲେ। ଉପଖଣ୍ଡର ସମସ୍ତ ଥାନା ଅଧିକାରୀମାନେ ଯୋଗ ଦେଇଥିଲେ।

# ମତ୍ସ୍ୟଜୀବୀଙ୍କ ବାତ୍ୟାଜନିତ କ୍ଷତିପୂରଣ ଟଙ୍କା ହଡ଼ପ ଅଭିଯୋଗ

**ବାହାନଗା, ୧୭।୧୦(ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ଓ ରେମୁଣା ବ୍ଲକର କେତେଜଣ ମତ୍ସ୍ୟଜୀବୀଙ୍କ ବାତ୍ୟା କ୍ଷୟକ୍ଷତି ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ସେମାନେ କ୍ଷୟକ୍ଷତି ବାବଦରେ ଜାଲ ଭସାଳି ଟଙ୍କା ପାଇବା ନିମନ୍ତେ ଆବେଦନ କରିଥିଲେ ମଧ୍ୟ ସେତେବେଳେ ଜିଲା ମତ୍ସ୍ୟ ଅଧିକାରୀ ଦରଖାସ୍ତକୁ ଗ୍ରହଣ କରି ନ ଥିଲେ। ସେଥିପାଇଁ ବାହାନଗା ବ୍ଲକର ମଣିଭଦ୍ର ମଳିକ ୧୦୮୦ଜଣ ମତ୍ସ୍ୟଜୀବୀଙ୍କ ପାଇଁ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ଏନେଇ ଡବ୍ଲୁପିସି ୨୪୨୬୦/୦୧୩ ରେ ଏକ ମାମଲା ରୁଜୁ ହୋଇଥିଲା । ମାମଲା ବିଚାର ହେବା ପରେ କୋର୍ଟ ୨୦୨୧ ଜାନୁଆରୀ ୨୦ରେ ମତ୍ସ୍ୟଜୀବୀମାନଙ୍କୁ ଟଙ୍କା ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶର କିଛି ଦିନ ପରେ ଅଫିସରମାନେ ମତ୍ସ୍ୟଜୀବୀଙ୍କୁ ଟଙ୍କା ପ୍ରଦାନ କରିଦେଇଥିବା କୋର୍ଟଙ୍କୁ ଜଣାଇଥିଲେ। ମାତ୍ର ଏପର୍ଯ୍ୟନ୍ତ ୧୦୮୦ ଜଣ ମତ୍ସ୍ୟଜୀବୀ ପରିବାର ସେମାନଙ୍କ କ୍ଷତିପୂରଣ ପାଇ ନ ଥିବା ବେଳେ ସରକାରଙ୍କ କାଗଜକଲମରେ ପାଇସାରିଥିବା ଦର୍ଶାଇବା ବିଡମ୍ବନାର ବିଷୟ। ହାଇକୋର୍ଟରେ ମାମଲା ଦାଏର କରିଥିବା ବ୍ୟକ୍ତିଜଣକ ଟଙ୍କା ବାବଦରେ ଜାଣିବା ପରେ ଆରଟିଆଇରେ ଫିସାରୀ ଡାଇରେକ୍ଟର କଟକ ଓ ଚିଫ୍ ସେକ୍ରେଟାରୀଙ୍କୁ ତଥ୍ୟ ମାଗିଥିଲେ ମଧ୍ୟ ତାହା ଦେଉ ନ ଥିବା ପ୍ରକାଶ କରିଛନ୍ତି। ୧୦୮୦ ଜଣଙ୍କର ୫୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଅଧିକାରୀମାନେ କୋର୍ଟଙ୍କୁ ଦର୍ଶାଇଥିବା ବେଳେ ଏ ପର୍ଯ୍ୟନ୍ତ କାହାରିକୁ ଟଙ୍କା ପ୍ରଦାନ କରାଯାଇନାହିଁ। ସେଥିପାଇଁ ଗତ ସେପ୍ଟେମ୍ବର ୨୦ତାରିଖରେ ଆବେଦନକାରୀ ମଣିଭଦ୍ର ମଳିକ ମୁଖ୍ୟମନ୍ତ୍ରୀଙ୍କଠାରେ ସିବିଆଇ ତଦନ୍ତ କରିବା ନିମନ୍ତେ ଦାବି ଜଣାଇ ଅଭିଯୋଗ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ୨୦୧୧ ସେପ୍ଟେମ୍ବର ୩ରେ ବାତ୍ୟା ଆସି ମତ୍ସ୍ୟଜୀବୀର ପ୍ରଭୃତ କ୍ଷତି ହୋଇଥିଲା।

# ଗ୍ୟାସ ସିଲିଣ୍ଡର ଫାଟି ଜଳିଗଲା ଗ୍ୟାରେଜ୍

**ମୋରଡ଼ା,୧୭।୧୦(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅନ୍ତର୍ଗତ ଝିଙ୍କିରିଆରେ ଗ୍ୟାସ ସିଲିଣ୍ଡର ଫାଟି ଗ୍ୟାରେଜ୍ ଜଳି ଯାଇଛି। ଝିଙ୍କିରିଆ ଗ୍ରାମର ଦିବ୍ୟଲୋଚନ ଜେନା ଜଣେ ଲୋକଙ୍କୁ ଟ୍ରାକ୍ଟର ଗ୍ୟାରେଜ କରିବା ପାଇଁ ତାଙ୍କ ଘର ଭଡ଼ା ଦେଇଥିଲେ। ଗ୍ୟାରେଜ ମାଲିକ ରୋଷେଇ କରୁଥିବା ସମୟରେ ହଠାତ ଗ୍ୟାସ ସିଲିଣ୍ଡର ଫାଟି ଯିବାରୁ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିକାଣ୍ଡରେ ଗ୍ୟାରେଜରେ ଥିବା ସମସ୍ତ ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି। ଚିତ୍ରଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବେକରେ ସାପ ଧାରଣ କଲେ ବ୍ରତଧାରୀ ମା' ମନସାଙ୍କ ପୂଜା

ମୋରଡ଼ା,୧୭।୧୦(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତର ଫୁଲଝରୀ ଗ୍ରାମରେ ଗର୍ଭଣା ସଂକ୍ରାନ୍ତି ଉପଲକ୍ଷେ ଦୁଇଦିନ ଧରି ଧୁମଧାମରେ ମା' ମନସାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଭକ୍ତ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଗାଁ ପୋଖରୀରୁ ଘଟ ଉତ୍ତୋଳନ କରିବା ପରେ ମା'ଙ୍କ ପୀଠରେ ଘଟ ସ୍ଥାପନ କରିଥିଲେ । ପୂଜକ ଉପେନ୍ଦ୍ର ମହାନ୍ତ, ବୁଲୁ ମହାନ୍ତ, ଭାଗୀରଥି ମହାନ୍ତ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ତେବେ ହଜାର ହଜାର ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା ଏଠାରେ ହୋଇଥିବା ଘଟ ଉତ୍ତୋଳନ। ଘଟ ଉତ୍ତୋଳନ ସମୟରେ କେତେକ ଶ୍ରଦ୍ଧାଳୁ ବେକରେ ସାପ ଗୁଡ଼ାଇଥିବା ଦେଖିବାକୁ ମିଳିଥିଲା। ସାପ ଗୁଡ଼ାଇବା ପରମ୍ପରା ବହୁ ପୁରୁଣା ହୋଇଥିବା ବେଳେ ସାପଗୁଡ଼ିକ ନାଗ ପ୍ରଜାତିର ବୋଲି ଜଣାପଡିଛି। ପୂଜା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ହତ୍ୟା ଅଭିଯୋଗ ଆଣିଲେ ଭଉଣୀ

## ଆଶୁତୋଷ ବେହେରାଙ୍କ ମୃତ୍ୟୁ ଘଟଣା

## ଏସ୍‌ପିଙ୍କୁ ଭେଟି ତଦନ୍ତ ଦାବି କଲେ

**ବାରିପଦା,୧୭।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଖଇରବଣିଠାରେ ବେତନଟୀ ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ସଦସ୍ୟ ଆଶୁତୋଷ ବେହେରାଙ୍କ ମୃତ୍ୟୁ ଘଟଣାରେ ପୋଲିସର ତଦନ୍ତକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ଭଉଣୀ ପ୍ରିୟମ୍ବଦା ବେହେରା ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଓ ପୋଲିସ ତଦନ୍ତର ଦିଗ ବଦଳାଇ ଦୁର୍ଘଟଣା ରୂପ ଦେଉଥିବା ଅଭିଯୋଗ କରିଛନ୍ତି। ଏନେଇ ଗୁରୁବାର ସେ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି ତଦନ୍ତ ଦାବି କରିଛନ୍ତି। ବେତନଟୀ ଏସ୍‌ଡିପିଓ ଘଟଣାର ତଦନ୍ତ କରିବେ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରିୟମ୍ବଦା ଅଭିଯୋଗ କରିଛନ୍ତି ଯେ, ଘଟଣା ରାତିରେ ଆଶୁତୋଷ ସାଙ୍ଗମାନଙ୍କ ସହ କାର୍‌ରେ ବସି ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ଦେଖି ଫେରିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ଆଶୁତୋଷଙ୍କ ମୃତ୍ୟୁ ସମୟର ଫଟୋକୁ ଦେଖିବା ପରେ ଏହା ଏକ ହତ୍ୟା ବୋଲି ଭଉଣୀ ପ୍ରିୟମ୍ବଦା ଦାବି କରିଛନ୍ତି। ଆଶୁତୋଷଙ୍କ ହାତକୁ ଗଞ୍ଜି ଭିତରେ ପୁରାଇ ଦିଆଯାଇଥିବା ଏବଂ ଧଳା ଗଞ୍ଜିରେ କେହି ଗୋଡ଼ରେ ଆଘାତ କରିଥିବା ଚିହ୍ନ ମଧ୍ୟ ରହିଛି। ତାଙ୍କ ଯୌନାଙ୍ଗର ଦୁଇପଟ ଫୁଲିଯାଇଥିବା ବେଳେ ଡାହାଣ ପଟ କାନର ଉପର ଭାଗରେ ମାଡ଼ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ମୃତଦେହର କୌଣସି ସ୍ଥାନରେ ଗାଡ଼ି ଚକ ଚଢ଼ିଯିବାର ଚିହ୍ନ ନ ଥିବା ବେଳେ ଘଟଣାସ୍ଥଳରେ ରକ୍ତ ମଧ୍ୟ ପଡ଼ି ନ ଥିଲା ବୋଲି ପ୍ରିୟମ୍ବଦା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଲୋକଙ୍କ ଦ୍ୱାରା ବେତନଟୀ ବାସଭବନରେ ଥିବା ତାଙ୍କ ମା' ଓ ଭାଉଜଙ୍କୁ ଏହି ଘଟଣା ଦୁର୍ଘଟଣା ବୋଲି ସ୍ୱୀକାର କରିବାକୁ ଚାପ ପକାଯାଉଛି ବୋଲି ପ୍ରିୟମ୍ବଦା ଅଭିଯୋଗରେ ଦର୍ଶାଇଛନ୍ତି। ମୃତ୍ୟୁର ୪ଦିନ ବିତିଯାଇଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିପାରି ନାହିଁ। ଯାହାକୁ ନେଇ ସେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୩ ତାରିଖ ବଡ଼ି ଭୋର ସମୟରେ ବୈଶିଙ୍ଗା ପୋଲିସ ଆଶୁତୋଷଙ୍କ ମୃତଦେହ ଜବତ କରିଥିଲା। ମୃତକଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବେହେରାଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସଡ଼କ ଦୁର୍ଘଟଣାରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ନେଇ ପୋଲିସ ତଦନ୍ତର ଦିଗ ଆଗକୁ ବଢ଼ାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣାରେ ଗୁରୁତର ଆହତ ଆଶୁତୋଷଙ୍କୁ ଘଟଣାସ୍ଥଳରେ ଛାଡ଼ି ପଳାଇବା ଦ୍ୱାରା ତାଙ୍କର ମୃତ୍ୟୁ ହେବା ଘଟଣାରେ ପୋଲିସ ତାଙ୍କର ୩ ସାଙ୍ଗ ହରିଶଙ୍କର ତ୍ରିପାଠୀ, ଯଶୋବନ୍ତ ବେହେରା ଓ ଅନିର୍ବାଣ ବାଲାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ମୃତ ଆଶୁତୋଷଙ୍କ ଭଉଣୀ ପ୍ରିୟମ୍ବଦା ବେହେରା।

# ୧୨୧ ୟୁନିଟ୍ ରକ୍ତ ସଂଗ୍ରହ

**ବାଲେଶ୍ୱର, ୧୭।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବିଜେଡି ପକ୍ଷରୁ ସ୍ଥାନୀୟ ଷ୍ଟେଶନ କ୍ଲବ ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ୧୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ, ପୂର୍ବତନ ଜିଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ଜିଲା ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଧୀରେନ ନାୟକ ଉପସ୍ଥିତ ଥିଲେ।

